

A Daily Odia Newspaper
SEITHO ARAMBHA
RNI No : ORIORI/2006/21585, Vol. : 19, Issue : 155
Saturday, 09 August 2025, Balasore, Page : 8, ₹ 2/
ବାଲେଶ୍ୱର, ଶନିବାର,୦୯ ଅଗଷ୍ଟ, ୨୦୨୫, ପୃଷ୍ଠା : ୮, ମୂଲ୍ୟ : ୨ଟଙ୍କା
Seitho Arambha Seithoarambha
www.seithoarambha.com

# ସେଇଠୁ ଆରମ୍ଭ
SEITHO ARAMBHA


ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପରି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ





ଭାଇ-ଭଉଣୀର ଅତୁଟ ବନ୍ଧନର ପ୍ରତୀକ ରାକ୍ଷୀ । ଭାଇର ଶୁଭ ମନାସି ରାକ୍ଷୀ ବାନ୍ଧିଥାଏ ଭଉଣୀ । ଭାଇର ଦୀର୍ଘ ଜୀବନ କାମନା କରିଥାଏ । ତା ବଦଳରେ ଭଉଣୀକୁ ସୁରକ୍ଷା ଦେବାକୁ ପ୍ରତିଶ୍ରୁତି ଦେଇଥାଏ ଭାଇ । ଭାଇ-ଭଉଣୀଙ୍କ ଅନାବିଳ ଭଲପାଇବାର ପ୍ରତୀକ ରାକ୍ଷୀ ପୂର୍ଣ୍ଣିମା । ଆଜି ଏହି ରକ୍ଷା ବନ୍ଧନ ଅବସରରେ ସମସ୍ତ ଭାଇ ଭଉଣୀଙ୍କୁ ଆମର ଶୁଭେଚ୍ଛା ଓ ସୁମନାସ
: ସଂପାଦକ

# କେନ୍ଦ୍ର କ୍ୟାବିନେଟରେ ୫ଟି ବଡ଼ ନିଷ୍ପତ୍ତି

ନୂଆଦିଲ୍ଲୀ,୦୮/୦୮(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ପାଇଁ କେନ୍ଦ୍ର କ୍ୟାବିନେଟ୍ ୧୨୦୬୦ କୋଟି ଟଙ୍କା ଅନୁମୋଦନ କରିଛି । ୨୦୧୬ ମସିହାରେ ଆରମ୍ଭ ହୋଇ ଥିବା ଏହି ଯୋଜନା ଅଧୀନରେ, ୧୦କୋଟିରୁ ଅଧିକ ହିତାଧିକାରୀଙ୍କୁ ସାଧାରଣ ଗ୍ରାହକଙ୍କ ତୁଳନାରେ ୩୦୦ଟଙ୍କା ଶସ୍ତାରେ ଏଲପିଜି ସିଲିଣ୍ଡର ମିଳୁଛି । ଦେଶର ରାଜଧାନୀ ଦିଲ୍ଲୀରେ, ଜଣେ ସାଧାରଣ ଗ୍ରାହକଙ୍କ ପାଇଁ ୧୪.୨ କିଲୋଗ୍ରାମ ଘରୋଇ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୮୫୩ ଟଙ୍କା । ଏଠାରେ, ଉଜ୍ଜ୍ୱଳା ଯୋଜନା ଅଧୀନରେ, ହିତାଧିକାରୀଙ୍କୁ ୩୦୦ଟଙ୍କା ସବସିଡି ସହ ୫୫୩ ଟଙ୍କାରେ ଏଲପିଜି ସିଲିଣ୍ଡର ଦିଆଯାଏ । କହି ରଖୁଛୁ କି, ସିଲିଣ୍ଡରର ଦାମ୍ ପ୍ରତି ରାଜ୍ୟରେ ଭିନ୍ନ ଭିନ୍ନ ହୋଇ ପାରେ । ଗତ ୧ମେ'ର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ( ପିଏମୟୁୱାଇ)ର ୯ବର୍ଷ ପୂରା ହୋଇ ଯାଇଛି । ମେ' ୨୦୧୬ରେ ଆରମ୍ଭ ହୋଇ ଥିବା ପିଏମୟୁୱାଇ ଯୋଜନାର ହିତାଧିକାରୀଙ୍କୁ ୧୪.୨କିଲୋଗ୍ରାମର ଏଲପିଜି ସିଲିଣ୍ଡର ଉପରେ ବର୍ଷକରେ ସର୍ବାଧିକ ୯ଥର ରିଫିଲ ପାଇଁ ୩୦୦ ଟଙ୍କାର ସବସିଡି ମିଳିବ, ଯେତେବେଳେ ୫ କିଲୋଗ୍ରାମ୍ ସିଲିଣ୍ଡର ଉପରେ ଏକ ସମାନୁପାତିକ ଲାଭ ମିଳିବ । ଏହି ପଦକ୍ଷେପର ଉଦ୍ଦେଶ୍ୟ ନିମ୍ନ ଆୟକାରୀ ପରିବାର ଗୁଡ଼ିକ ପାଇଁ ଏଲପିଜିକୁ ଆହୁରି ଅଧିକ ସୁଲଭ କରିବା ଏବଂ ବିଶ୍ୱ ଦରରେ ପରିବର୍ତ୍ତନ ସତ୍ତ୍ୱେ ଏହାର ନିରନ୍ତର ବ୍ୟବହାର ସୁନିଶ୍ଚିତ କରିବା । ଏହି ମଧ୍ୟରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ସରକାର ଅଣ୍ଡର ରିକଭରି ପାଇଁ ତିନୋଟି ସାର୍ବଜନିକ କ୍ଷେତ୍ରର ତୈଳ ବିପଣନ କମ୍ପାନୀଙ୍କୁ (ଓଏମସି)



୩୦,୦୦୦ କୋଟି ଟଙ୍କାର ସରକାରୀ ସାହାଯ୍ୟକୁ ଅନୁମୋଦନ ଦେଇଛନ୍ତି । ଏହି ସାର୍ବଜନିକ କ୍ଷେତ୍ରର କମ୍ପାନୀ ଗୁଡ଼ିକ ଇଣ୍ଡିଆନ ଅଏଲ କର୍ପୋରେସନ , ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ ରହିଛି । ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଏହି ସପୋର୍ଟ ବର୍ତ୍ତମାନର ଜିଓ ପଲିଟିକ୍ସ ଆଉଟଲୁକ୍ ବ୍ୟତୀତ ତୈଳ ଓ ଗ୍ୟାସ୍ କ୍ଷେତ୍ରର ଅନିଶ୍ଚିତତା ଗୁଡ଼ିକୁ ଧ୍ୟାନରେ ରଖି ଦିଆ ଯାଇଛି । ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଜଦ୍ୱାରା ତୈଳ କମ୍ପାନୀ ଗୁଡ଼ିକ ମଧ୍ୟରେ କ୍ଷତି ପୂରଣ ବଣ୍ଟନ କରାଯିବ । ସରକାର କହିଛନ୍ତି ଯେ, କ୍ଷତିପୂରଣ ୧୨ଟି କିସ୍ତିରେ ପ୍ରଦାନ କରାଯିବ । ସରକାରଙ୍କ ଦ୍ୱାରା ଜାରି ଏକ ବିବୃତ୍ତି ଅନୁସାରେ, ୨୦୨୪-୨୫ ସୁଦ୍ଧା ଏଲପିଜିର ଆନ୍ତର୍ଜାତିକ ମୂଲ୍ୟ ଅଧିକ ରହିଛି । ଉପଭୋକ୍ତାଙ୍କ ଉପରେ ମୂଲ୍ୟ ପରିବର୍ତ୍ତନର ବୋଝ ନଲଦିବା ପାଇଁ ତୈଳ ବିପଣନ କମ୍ପାନୀ ଗୁଡ଼ିକୁ ଖୁବ୍ କ୍ଷତି ସହିବାକୁ ପଡ଼ିଛି । ଏହା ସତ୍ତ୍ୱେ ତୈଳ ବିପଣନ କମ୍ପାନୀଗୁଡ଼ିକ ଦେଶରେ ଶସ୍ତା ଦାମ୍‌ରେ ଘରୋଇ ଏଲପିଜିର ନିରନ୍ତର ସପ୍ଲାଇ ସୁନିଶ୍ଚିତ କରିଛନ୍ତି । ମୋଦୀ ସରକାରଙ୍କ କ୍ୟାବିନେଟ୍‌ବୈଠକରେ ନିଆଯାଇଥିବା ଅନ୍ୟ ନିଷ୍ପତ୍ତି ମଧ୍ୟରେ, ବୈଷୟିକ ଶିକ୍ଷା, ଆସାମ ଏବଂ ତ୍ରିପୁରାର ବିକାଶ ପାଇଁ ବଜେଟ୍, ମାରକନମ୍ - ପୁଡ୍ଡୁଚେରୀ ୪ ଲେନ୍ ରାଜପଥକୁ ମଞ୍ଜୁର କରାଯାଇଛି । ସରକାର ବୈଷୟିକ ଶିକ୍ଷା ପ୍ରତିଷ୍ଠାନ ପାଇଁ ୪୨୦୦ କୋଟି ଟଙ୍କାର ବଜେଟ୍ ଅନୁମୋଦନ କରିଛନ୍ତି । ସେହି ସମୟରେ, ଆସାମ ଏବଂ ତ୍ରିପୁରାର ବିକାଶ ପାଇଁ ଏକ ସ୍ୱତନ୍ତ୍ର ବିକାଶ ପ୍ୟାକେଜ ଭାବରେ ୪୨୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ମାରକନମ୍-ପୁଡ୍ଡୁଚେରୀ ଚାରି ଲେନ୍ ରାଜପଥ ପାଇଁ ମଧ୍ୟ ସରକାର ୨୧୫୭ କୋଟି ଟଙ୍କା ଅନୁମୋଦନ କରିଛନ୍ତି ।

# ଆଜି ପବିତ୍ର ରକ୍ଷା ବନ୍ଧନ
## ଭାଇ ହାତରେ ସ୍ନେହର ଡୋରି ବାନ୍ଧିବ ଭଉଣୀ



ଭୁବନେଶ୍ୱର,୦୮/୦୮(ଆ.ପ୍ର):୨୦୨୫ ଅଗଷ୍ଟ ୯ରେ ରକ୍ଷା ବନ୍ଧନ ପର୍ବ ପାଳନ କରାଯିବ । ଭାଇ ଏବଂ ଭଉଣୀଙ୍କ ପବିତ୍ର ସମ୍ପର୍କ ପାଇଁ ଏହି ଦିନଟି ଉତ୍ସର୍ଗ । ଏହି ଦିନ ଭଉଣୀମାନେ ସେମାନଙ୍କ ଭାଇଙ୍କ ହାତରେ ରକ୍ଷା ସୂତ୍ର ବାନ୍ଧିଥାନ୍ତି । ଚଳିତ ବର୍ଷ ରାକ୍ଷୀ ପୂର୍ଣ୍ଣିମାରେ ସାରା ଦିନ ରାକ୍ଷୀ ବାନ୍ଧିବା ପାଇଁ ଶୁଭ ବୋଲି ବିବେଚନା କରାଯାଏ । ଏହି ଦିନ ପରସ୍ପରଠାରୁ ଦୂରରେ ରହୁଥିବା ଭାଇ ଏବଂ ଭଉଣୀମାନେ ଭେଟନ୍ତି । ତେବେ ଏଠି ପ୍ରଶ୍ନ ଉଠେ ଯେ ରାକ୍ଷୀ ଦିନ ଭାଇ ଭଉଣୀ ଘରକୁ ଯିବା ଉଚିତ ନା ଭଉଣୀ ଭାଇ ଘରକୁ ଯିବା ଉଚିତ । ଧାର୍ମିକ ବିଶ୍ୱାସ ଅନୁସାରେ, ରକ୍ଷାବନ୍ଧନ ଦିନ କେବଳ ଭଉଣୀ ହିଁ ଭାଇ ଘରକୁ ରାକ୍ଷୀ ବାନ୍ଧିବା ପାଇଁ ଯିବା ଦରକାର । ବିଶେଷ କରି ଏହି ନିୟମ ବିବାହିତ ଭଉଣୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଯଦିଓ ବର୍ତ୍ତମାନ ସମୟରେ ଭାଇମାନେ ମଧ୍ୟ ରାକ୍ଷୀ ବାନ୍ଧିବା ପାଇଁ ନିଜ ଭଉଣୀ ଘରକୁ ଯାଆନ୍ତି, କିନ୍ତୁ ଶାସ୍ତ୍ର ଅନୁସାରେ ଏହା ଠିକ୍ ବୋଲି ଧାରାଯାଏ ନାହିଁ । ତେବେ ଭଉଣୀ କାହିଁକି ଭାଇ ଘରକୁ ରାକ୍ଷୀ ବାନ୍ଧିବା ପାଇଁ ଯିବ ତାରା ବି ଏକ କାହାଣୀ ଅଛି । ରାକ୍ଷୀ ସହ ଜଡ଼ିତ ପୌରାଣିକ କାହାଣୀ କିମ୍ବଦନ୍ତୀ ଅନୁସାରେ ଭଗବାନ ବିଷ୍ଣୁ ବାମନ ରୂପ ନେଇ ଦୁଇଟି ପାଦରେ ସ୍ୱର୍ଗ ଏବଂ ପୃଥିବୀ ମାପିଥିଲେ । ତୃତୀୟ ପାଦ ପାଇଁ ରାଜା ବଳି ଭଗବାନ ବିଷ୍ଣୁଙ୍କ ପାଦତଳେ ନିଜ ମୁଣ୍ଡ ରଖିଥିଲେ । ବଳିଙ୍କ ଦାନକୁ ଦେଖି ଭଗବାନ ବିଷ୍ଣୁ ଖୁସି ହୋଇ ବଳିଙ୍କୁ ପାତାଳ ଲୋକର ରାଜା କରିଥିଲେ । ଏହା ସହ ସେ ବଳିଙ୍କୁ ଏକ ବର ମାଗିବାକୁ କହିଥିଲେ । ରାଜା ବଳି ବର ମାଗିଥିଲେ ଯେ ଯେତେବେଳେ ସେ ଆଖି ଖୋଲିବେ, ସେ ଭଗବାନ ବିଷ୍ଣୁଙ୍କୁ ଦର୍ଶନ କରିପାରିବେ । ଏକ ପ୍ରକାର, ବଳି ଭଗବାନ ବିଷ୍ଣୁଙ୍କୁ ପାତାଳ ଲୋକରେ ରହିବାର ବର ମାଗିଥିଲେ । ଏହା ପରେ, ଭଗବାନ ବିଷ୍ଣୁ ଅନେକ ଦିନ ପର୍ଯ୍ୟନ୍ତ ବୈକୁଣ୍ଠରେ ଆସିଲେ ନାହିଁ, ଯେଉଁଥିରେ ମାତା ଲକ୍ଷ୍ମୀ ଚିନ୍ତିତ ହୋଇଗଲେ । ଶ୍ରାବଣ ପୂର୍ଣ୍ଣିମା ଦିନ ମାତା ଲକ୍ଷ୍ମୀ ପାତାଳ ଲୋକରେ ପହଂଚି ରାଜା ବଳିଙ୍କୁ ରାକ୍ଷୀ ବାନ୍ଧିଥିଲେ । ରକ୍ଷାସୂତ୍ର ବାନ୍ଧିବା ପରେ, ମାତା ଲକ୍ଷ୍ମୀ ତାଙ୍କ ଭାଇ ବଳିଙ୍କୁ ଭଗବାନ ବିଷ୍ଣୁଙ୍କୁ ବୈକୁଣ୍ଠକୁ ପଠାଇବାକୁ କହିଥିଲେ । ଲକ୍ଷ୍ମୀଙ୍କ କଥା ଗ୍ରହଣ କରି ଭଗବାନ ବିଷ୍ଣୁଙ୍କୁ ମୁକ୍ତ କରିଥିଲେ । ତା'ପରେ ଭଗବାନ ବିଷ୍ଣୁ ବଳିଙ୍କୁ ଏକ ଭରସା ଦେଇଥିଲେ ଯେ ସେ ଚାତୁର୍ମାସ ସମୟରେ ପାତାଳ ଲୋକରେ ବାସ କରିବେ । ଏହି କାହାଣୀ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ମାତା ଲକ୍ଷ୍ମୀ ତାଙ୍କ ଭାଇ ବଳିଙ୍କ ଘରକୁ ଯାଇଥିଲେ । ତେଣୁ, ଆଜି ମଧ୍ୟ ପ୍ରତ୍ୟେକ ଭାଇ ଏବଂ ଭଉଣୀ ଏହି ଧାର୍ମିକ ବିଶ୍ୱାସ ପାଳନ କରିବା ଉଚିତ ।

# କଲେଜରୁ କ୍ରୀଡ଼ା ପ୍ରତିଭା ଖୋଜିବେ ସରକାର



ଭୁବନେଶ୍ୱର,୦୮/୦୮(ଆ.ପ୍ର):କଲେଜରୁ କ୍ରୀଡ଼ା ପ୍ରତିଭା ଖୋଜିବେ ସରକାର । ଯୁକ୍ତ ଦୁଇ କଲେଜରେ କ୍ରୀଡ଼ା ପ୍ରତିଯୋଗିତା କରିବେ ରାଜ୍ୟ ସରକାର । ରାଜ୍ୟର ସମସ୍ତ ଯୁକ୍ତ ଦୁଇ କଲେଜରେ ହେବ କ୍ରୀଡ଼ା ପ୍ରତିଯୋଗିତା । ଏନେଇ ସମସ୍ତ ଶିକ୍ଷାନୁଷ୍ଠାନର ଅଧକ୍ଷ ମାନଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚିଠି କରାଯାଇଛି । ୧୯ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜନ ହେବ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା । କବାଡି, ଖୋ ଖୋ, ଫୁଟବଲ, ହକି ଭଳି ୩୫ଟି ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି । ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ୩ ମାସ ଧରି ଚାଲିବ ଏହି କ୍ରୀଡ଼ା ପ୍ରତିଯୋଗିତା ।

# ଆୟକର ବିଲ୍ ୨୦୨୫କୁ ପ୍ରତ୍ୟାହାର କଲେ ସରକାର

ନୂଆଦିଲ୍ଲୀ,୦୮/୦୮(ନ୍ୟୁ.ଏ):କେନ୍ଦ୍ର ସରକାର ଆୟକର ବିଲ୍ ୨୦୨୫କୁ ପ୍ରତ୍ୟାହାର କରିନେଇଛନ୍ତି । ୨୦୨୫ ଫେବୃଆରୀ ୧୩ରେ ଲୋକସଭାରେ ଛଅ ଦଶନ୍ଧି ପୁରୁଣା ଆୟକର ଆଇନ, ୧୯୬୧ର ସ୍ଥାନ ନେବା ପାଇଁ ଏହି ବିଲ୍‌କୁ ଆଗତ କରାଯାଇଥିଲା । ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ସିଲେକ୍ଟ କମିଟି ଦ୍ୱାରା କରାଯାଇଥିବା ଅଧିକାଂଶ ସୁପାରିଶକୁ ସାମିଲ କରି ନୂତନ ଆୟକର ବିଲ୍‌କୁ ଅଗଷ୍ଟ ୧୧ ସୋମବାର ଆଗତ କରାଯିବ । ଫେବୃଆରୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ସଂସଦରେ ଉପସ୍ଥାପିତ ଆୟକର ବିଲ୍, ୨୦୨୫କୁ ୬୦ ବର୍ଷରୁ ଅଧିକ ସମୟ ମଧ୍ୟରେ ଭାରତର ପ୍ରତ୍ୟକ୍ଷ ଟିକସ ଆଇନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବୋଲି କୁହାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ୨୯୮-ଧାରାର ଆୟକର ଆଇନ, ୧୯୬୧କୁ ସରଳ ଭାଷାରେ ଲିଖିତ ଏକ ଆଧୁନିକ, କରଦାତା-ଅନୁକୂଳ ଆଇନରେ ପରିଣତ କରିବା । ଯାହା ବର୍ତ୍ତମାନର ଆଇନ ଅପେକ୍ଷା ପ୍ରାୟ ୫୦ ପ୍ରତିଶତ ଛୋଟ । ଲୋକସଭାରେ ଆଗତ ହେବା ପରେ ବିଧେୟକ ଉପରେ ଅଧିକ ବିଚାର-ବିମର୍ଶ କରିବା ପାଇଁ ସଂସଦର ସ୍ଥାୟୀ ସମିତିକୁ ପଠାଯାଇଥିଲା । ନୂତନ ଆୟକର ବିଲ୍ ୨୦୨୬ ଏପ୍ରିଲ୍ ୧ରେ ଲାଗୁ ହେବା ନେଇ



ଆଶା କରାଯାଉଥିଲା । ଲୋକସଭାରେ ଆଗତ ହୋଇଥିବା ଆୟକର ବିଲ୍‌ରେ ସାଧାରଣ ଲୋକଙ୍କ ପାଇଁ ଇନ୍‌କମ୍ ଟ୍ୟାକ୍ସ ସହ ଜଡ଼ିତ ନିୟମକୁ ଅଧିକ ସରଳ ଏବଂ ସୁଲଭ କରାଯାଇଛି ବୋଲି ସରକାର ସେତେବେଳ କହିଥିଲେ । ନୂଆ ବିଲ୍‌ରେ ମୋଟ ୫୩୬ ଧାରା ପ୍ରସ୍ତାବିତ କରାଯାଇଥିଲା । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ୧ରେ ବଜେଟ୍ ଉପସ୍ଥାପନ ବେଳେ ନୂଆ ଆୟକର ଆଇନ ଆସିବା ନେଇ ଘୋଷଣା କରିଥିଲେ । ସରକାର କହିଥିଲେ, ନୂଆ ବିଲ୍‌ର ଉଦ୍ଦେଶ୍ୟ ଜଟିଳ ଶବ୍ଦ ଏବଂ ଆବଶ୍ୟକ ନଥିବା ଆଇନକୁ ହଟାଇ, ଛୋଟ ଏବଂ ସରଳ କରିବା । ଉଦାହରଣ ପାଇଁ ଏଥିରେ 'ଟ୍ୟାକ୍ସ ଇୟର' ନାଁରେ ଏକ ନୂଆ ଶବ୍ଦ ବ୍ୟବହାର କଥା ଉଲ୍ଲେଖ ରହିଥିଲା, ଯାହା 'ପ୍ରିଭିୟସ୍ ଇୟର' ଏବଂ 'ଆସେସମେଣ୍ଟ ଇୟର' ପରି ଜଟିଳ ଶବ୍ଦକୁ ସ୍ଥାନ ନେଇଥାନ୍ତା । ବିଲ୍‌ରେ ମୋଟ ୬୨୨ ପୃଷ୍ଠା ରହିବ ବୋଲି ଜଣାପଡ଼ିଥିଲା । ଏଥିରେ ୫୩୬ ଧାରା, ୨୩ ଚାପ୍ଟର ଏବଂ ୧୬ ଅନୁସୂଚୀକୁ ସାମିଲ କରାଯାଇଥିଲା । ବର୍ତ୍ତମାନରେ ପ୍ରଚଳିତ ଆୟକର ବିଲ୍ ୧୯୬୧ରେ ୨୯୮ ଧାରା, ୨୩ ଚାପ୍ଟର ଏବଂ ୧୪ ଅନୁସୂଚୀ ରହିଛି । ଆୟକର ବିଲ୍ ୧୯୬୧ରେ ମୋଟ ୮୮୦ ପୃଷ୍ଠା ରହିଛି । ଏହା ସହ ଆୟକର ଅଧିନିୟମ ୧୯୬୧ରେ ଅନେକ ଥର ବ୍ୟବହାର କରାଯାଇଥିବ ଶବ୍ଦ 'ବାବଜୁଦ'କୁ ନୂଆ ବିଧେୟକରୁ ହଟାଯାଇଛି ଏବଂ ଏହା ସ୍ଥାନରେ ପ୍ରାୟ ସବୁ ସ୍ଥାନରେ 'ଅପରିହାର୍ଯ୍ୟ' ଶବ୍ଦ ବ୍ୟବହାର କରାଯାଇଛି ବୋଲି କୁହାଯାଇଥିଲା ।

# ଆଜି ମିଳିବ ସୁଭଦ୍ରା ତୃତୀୟ କିସ୍ତି



ଜୟପୁର,୦୮/୦୮(ଆ.ପ୍ର): ଆଜି ମିଳିବ ସୁଭଦ୍ରା ଟଙ୍କା । ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରା ଟଙ୍କା । ଅଗଷ୍ଟ ୯ ତାରିଖରେ ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ପ୍ରଦାନ କରାଯିବ । ତୃତୀୟ କିସ୍ତି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଜମା ହେବ । ଏହା ପୂର୍ବରୁ ଏହି ଯୋଜନାରେ ଉପୁଜିଥିବା ସମସ୍ୟାର ସମୀକ୍ଷା କରିବାକୁ କୋଟିଆ ଗସ୍ତ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ସେ କହିଛନ୍ତି, ଆମେ କୋଟିଆରେ ଘରେ ଘରେ ସୁଭଦ୍ରା ଦେବା ପାଇଁ ଘୋଷଣା କରିଥିଲୁ । ତାର ସମୀକ୍ଷା ହୋଇଛି । ସେ ପାଖାପାଖି ଥିବା ସବୁ ଅଙ୍ଗନୱାଡ଼ି କେନ୍ଦ୍ରରେ ଦିଦିମାନଙ୍କ ସହ ଆଲୋଚନା କରିଛନ୍ତି । ଯେଉଁମାନଙ୍କ ଘରେ ସୁଭଦ୍ରା ପହଂଚିବାରେ ଅସୁବିଧା ହୋଇଛି, ସେ ସବୁ ସମସ୍ୟା ଦୂର କରାଯିବ । ତେବେ ଯେଉଁ ହିତାଧିକାରୀ ଭାବେ ପ୍ରଥମ ଦୁଇଟି କିସ୍ତିରେ ଟଙ୍କା ପାଇନାହାଁନ୍ତି, ସେମାନଙ୍କୁ ମଧ୍ୟ ଟଙ୍କା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହେବ । ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରା ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ ତୃତୀୟ କିସ୍ତି ଟଙ୍କା । ଶନିବାର ଜୟପୁରରେ ସୁଭଦ୍ରାର ତୃତୀୟ କିସ୍ତି ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏହା ପୂର୍ବରୁ ୨ ଦିନିଆ କୋଟିଆ ଗସ୍ତରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ସରକାର କୋଟିଆରେ ପହଂଚିବେ । ଆପଣଙ୍କ ପାଖକୁ ସଚିବାଳୟ ଆସିବ । ୨ ହଜାର ୭୮ ଜଣ ମହିଳା କୋଟିଆରେ ସୁଭଦ୍ରା ପାଇଁ ଆବେଦନ କରିଥିଲେ । ୧୮୦୦ ଜଣ ୨ଟି କିସ୍ତି ପାଇଛନ୍ତି । କାଲି ଆଉ ପାଖାପାଖି ୨୪୦ ଜଣ ଏକକାଳୀନ ୩ଟି କିସ୍ତି ପାଇବେ । ଅର୍ଥାତ ଏକକାଳୀନ ୧୫ ହଜାର ଟଙ୍କା ଲେଖାଏଁ ପାଇବେ । ଉପମୁଖ୍ୟମନ୍ତ୍ରୀ କହିଛନ୍ତି ମହିଳା ଏସଏଚଜିଙ୍କୁ ୧୦ ଲକ୍ଷ ଟଙ୍କା ଋଣ ବିନା ସୁଧରେ ସରକାର ଦେବେ । ଏବଂ ଏକ କୋଟି ମହିଳାଙ୍କୁ କାଲି ତୃତୀୟ କିସ୍ତି ଦିଆଯିବ । ଏଥିପାଇଁ ୫ ହଜାର କୋଟି ଖର୍ଚ୍ଚ ହେବ । ସୁଭଦ୍ରା ଟଙ୍କା ସମସ୍ତେ ପାଇବେ ଏବଂ କୌଣସି ମଧ୍ୟସ୍ଥି ପ୍ରତିବନ୍ଧକ ସାଜି ପାରିବେନି ।

# ଛାତ୍ରୀ ପୋଡ଼ି ଘଟଣା ବନ୍ଧାହେଲେ ପୁରୁଷବନ୍ଧୁ



ପଟ୍ଟାମୁଣ୍ଡାଇ,୦୮/୦୮(ଆ.ପ୍ର):ପଟ୍ଟାମୁଣ୍ଡାଇ ଛାତ୍ରୀ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି । ମୁଖ୍ୟ ଅଭିଯୁକ୍ତ ହେଲା ଗଣେଶ୍ୱର ବେହେରାଙ୍କ ପୁଅ ପ୍ରମୋଦ ବେହେରା । ତାର ଘର ବିଲିକଣା ପଂଚାୟତ ତେରୋଇ ଗାଁରେ ବୋଲି ଜଣାଯାଇଛି । ତାକୁ ଚେନ୍ନାଇରୁ ଧରି କେନ୍ଦ୍ରାପଡ଼ା ଆଣୁଛି ପୋଲିସ୍ । ସେପଟେ କାଠିଆପଡା ଯିବ ଫୋରେନସିକ ଟିମ୍ । FMT ଟିମ୍ ମଧ୍ୟ ଯିବା ନେଇ ସୂଚନା । ଏସ୍ପିଙ୍କ ଉପସ୍ଥିତିରେ ହେବ ଅଧିକ ତଦନ୍ତ । ସୂଚନାଥାଉକି, ବୁଧବାର ଦିନ ଜଣେ ଯୁବତୀ ତାଙ୍କ ପୂର୍ବତନ ପ୍ରେମିକଙ୍କ ବାରମ୍ବାର ଧମକର ଶିକାର ହେବା ପରେ ନିଜ ଦେହରେ କିରାସିନି ଢାଳି ନିଆଁ ଲଗାଇ ନିଜ ଜୀବନ ନେଇଥିଲେ । ରିପୋର୍ଟ ଅନୁଯାୟୀ, ପ୍ରେମିକ ଜଣକ ତାଙ୍କର ଅଶ୍ଲୀଳ ଫଟୋ ସୋସିଆଲ ମିଡିଆରେ ପ୍ରସାରିତ କରିଥିଲେ ଏବଂ ତାଙ୍କ ସହିତ ସମ୍ପର୍କ ଭାଙ୍ଗିବା ପରେ ତାଙ୍କୁ ବ୍ଲାକମେଲ୍ କରିଥିଲେ । ଏହା ପରେ ଯୁବତୀ ତାଙ୍କ ପରିବାରକୁ ଜଣାଇଥିଲେ । ପରିବାର ସଦସ୍ୟ ଯୁବକଙ୍କ ବିରୋଧରେ ଅଭିଯୋଗ ଦାଏର କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଏଫଆଇଆର ଦାଖଲ କରିବା ପରିବର୍ତ୍ତେ, ଏଏସଆଇ ତାଙ୍କୁ ସମସ୍ତ ସୋସିଆଲ ମିଡିଆ ସାଇଟରୁ ପୁଅକୁ ବ୍ଲକ୍ କରିବାକୁ କହିଥିଲେ । ଏହି ଘଟଣା ଦୀର୍ଘ ୭-୮ମାସ ଧରି ଚାଲିଥିଲା । ପୁଅର ବ୍ଲାକମେଲିଂରେ ହତାଶ ହୋଇ, ଯୁବତୀ ଜଣକ ଘରେ ଏକୁଟିଆ ଥିବା ସମୟରେ ନିଜ ଜୀବନ ନେବା ଭଳି କଠୋର ନିଷ୍ପତ୍ତି ନେଇଥିଲେ ।

# ୧୩ରେ ଲଘୁଚାପ ବର୍ଷା ସମ୍ଭାବନା



ଭୁବନେଶ୍ୱର,୦୮/୦୮(ଆ.ପ୍ର):ଶ୍ରାବଣରେ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ୍ । ଅସ୍ୱାଭାବିକ ଗରମ, ଗୁଳୁଗୁଳି ଜନଜୀବନକୁ ନାକେଦମ କରୁଛି । ଇତିମଧ୍ୟରେ ବର୍ଷା ପ୍ରକୋପ ବି କମିଯାଇଛି । ଆଶ୍ୱସ୍ତିର ଖବର ହେଲା, ଆଉ ଏକ ଲଘୁଚାପ ଆସୁଛି ଆସନ୍ତା ୧୩ ତାରିଖ ବେଳକୁ, ଯାହାକି ଓଡ଼ିଶା ଉପକୂଳରେ ଦାନା ବାନ୍ଧିବା ସମ୍ଭାବନା ଅଛି । ଏହା ପ୍ରଭାବରେ ରାଜ୍ୟରେ ଭଲ ବର୍ଷା ହେବ । ୨୦ ତାରିଖ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ସୃଷ୍ଟି ହୋଇପାରେ । ରାଜ୍ୟରେ ବର୍ତ୍ତମାନ କାଁ ଭାଁ ବର୍ଷା ହେଉଛି । ଖରା ବଢ଼ିଛି । ବର୍ଷା ଅଚାନକ ହେଉଛି, ପୁଣି ଛାଡ଼ିଯାଉଛି । ବାତାବରଣ ଥଣ୍ଡା ପଡୁନି । ଗୁରୁବାର ପାରଳାଖେମୁଣ୍ଡି ତାପମାତ୍ରା ୩୭ ଡିଗ୍ରୀ, ବୌଦ୍ଧ ୩୬.୮, ଟିଟିଲାଗଡ଼ ୩୬.୫, ପୁରୀ ୩୫.୩, ସମ୍ବଲପୁର ୩୫.୨, ଛତ୍ରପୁର ୩୫, ଭବାନୀପାଟଣା ୩୪.୮, ଭୁବନେଶ୍ୱର ୩୪.୪, ଗୋପାଳପୁର ୩୪.୪, ହୀରାକୁଦ ୩୪.୧ ଡିଗ୍ରୀ ସେଲସିୟସ୍ ଥିଲା । ଅଧିକାଂଶ ସ୍ଥାନରେ ପାରଦ ୩୩ ଡିଗ୍ରୀ ପାର କରିଥିଲା । ଆର୍ଦ୍ରତା ପରିମାଣ ସକାଳେ ୮୦-୯୦% ଥିବାବେଳେ ଅପରାହ୍ନରେ ୭୦-୯୦% ଭିତରେ ରହୁଛି । ଟିଟିଲାଗଡ଼ରେ ସ୍ୱାଭାବିକଠାରୁ ସାଢ଼େ ୫ ଡିଗ୍ରୀ ତାତି ଅଧିକ ଥିବା ବେଳେ ଉପକୂଳ ଓଡ଼ିଶାର ପୁରୀରେ ୩.୮ ଡିଗ୍ରୀ ଅଧିକ ଥିଲା । ଅନୁଗୁଳ, ଛତ୍ରପୁର, ବଲାଙ୍ଗିର, ଖୋର୍ଦ୍ଧା, ହୀରାକୁଦ, ଟିଟିଲାଗଡ଼ ସମେତ ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହୋଇଥିଲା ଗୁରୁବାର ସନ୍ଧ୍ୟା ସୁଦ୍ଧା । ମାତ୍ର ବଡ଼ ବର୍ଷା ହୋଇନାହିଁ । ପାଣିପାଗ ବିଶେଷଜ୍ଞ କହିଛନ୍ତି, ମୌସୁମୀ ବର୍ତ୍ତମାନ ଦୁର୍ବଳ ଅଛି । ଅନେକ ସ୍ଥାନରେ ସପ୍ତାହେରୁ ଅଧିକ ସମୟ ହେବ ବର୍ଷା ହୋଇନାହିଁ । ବିଜୁଳି ଘଡ଼ଘଡ଼ି ସହ ଯେତିକି ବର୍ଷା ହେଉଛି, ତାହା ଅଳ୍ପ ଅଂଚଳ ଭିତରେ ସୀମିତ ରହୁଛି । ବାୟୁମଣ୍ଡଳରେ ଜଳୀୟ ବାଷ୍ପ ପରିମାଣ ଅଧିକ ଥିବାରୁ ଗରମ ସହ ଗୁଳୁଗୁଳି ଅନୁଭୂତ ହେଉଛି । ପାଣିପାଗ ବିଭାଗର ବିସ୍ତାରିତ ପୂର୍ବାନୁମାନ ଅନୁସାରେ, ୧୩ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଓଡ଼ିଶା ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ଅଛି । ସେହିପରି ପରବର୍ତ୍ତୀ ସପ୍ତାହରେ (୨୦-୨୧ ତାରିଖ ବେଳକୁ) ଆଉ ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ଉତ୍ତର ପଶ୍ଚିମ ବଙ୍ଗୋପସାଗରର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ଦାନା ବାନ୍ଧିପାରେ । ଏମିତି ହେଲେ ରାଜ୍ୟରେ ବର୍ଷା ବଢ଼ିବ । ରାଜ୍ୟରେ ଗତ ଦେଢ଼ ସପ୍ତାହ ହେବ ବର୍ଷା କମ୍ ରହିଛି । ଜୁନ୍ ପହିଲାରୁ ଏବେ ସୁଦ୍ଧା ରାଜ୍ୟରେ ହାରାହାରି ୬୩୪ ମିଲିମିଟର ବର୍ଷା ହୋଇଛି । ଏହାକୁ ସ୍ୱାଭାବିକ କୁହାଯିବ । ମାତ୍ର ୯ଟି ଜିଲ୍ଲାରେ ବର୍ଷା ନିଅଣ୍ଟିଆ ରହିଛି । ପୁରୀରେ ସର୍ବାଧିକ ୪୩% ବର୍ଷା କମ୍ ଥିବା ବେଳେ ଗଜପତିରେ ୩୯%, ରାୟଗଡ଼ାରେ ୩୨%, ଗଞ୍ଜାମରେ ୩୧%, କଳାହାଣ୍ଡିରେ ୩୧%, ଖୋର୍ଦ୍ଧାରେ ୨୬%, ନୂଆପଡ଼ାରେ ୨୧%, ବଲାଙ୍ଗିରରେ ୨୩%. ନବରଙ୍ଗପୁରରେ ୨୩% ବର୍ଷା କମ୍ ହୋଇଛି । ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧରେ ବର୍ଷା ଅଧିକ ଥିବା ବେଳେ ୧୬ ଜିଲ୍ଲାରେ ବର୍ଷା ସ୍ୱାଭାବିକ ଅଛି ।

# ଅଧିକ ସ୍ୱଚ୍ଛ ଓ ଦକ୍ଷ ଶାସନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ : ବାଚସ୍ପତି



ଭୁବନେଶ୍ୱର,୦୮/୦୮(ଆ.ପ୍ର): ଓଡ଼ିଶା ବିଧାନସଭାରେ ନୂଆ ୱେବସାଇଟ୍, Odisha Legislative Assemblyର ଉଦ୍‌ଘାଟନ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ । ଓଡିଶା ସରକାର NICT ବିଭାଗ ଓ ଭାରତ ସରକାର NICର ବୈଷୟିକ ପରାମର୍ଶ ଦ୍ୱାରା ଏହି ୱେବସାଇଟ ପ୍ରସ୍ତୁତ ହୋଇଛି । ଅଧିକ ସ୍ୱଚ୍ଛ ଓ ଦକ୍ଷ ଶାସନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଆରମ୍ଭ ହେବ ବୋଲି ସେ ଏହି ଅବସରରେ କହିଛନ୍ତି । ସେ କହିଛନ୍ତି, ବିଧାନସଭାର କାର୍ଯ୍ୟଧାରାକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଗମ ଓ ସ୍ୱଚ୍ଛ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ନାଗରିକମାନଙ୍କୁ ବିଧାନସଭା ବିଷୟରେ ସଠିକ ସୂଚନା ଦେବ । ୨୦୧୧ ପରଠାରୁ ଏହି ସାଇଟ୍ ଅପଡେଟ୍ ହୋଇନଥିଲା । ସୁଶାସନ ଓ ନାଗରିକ ସମ୍ପୃକ୍ତି ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରମାଣ । ଏଥିରେ ବିଧାନସଭାର ସମସ୍ତ ସଦସ୍ୟଙ୍କ ତଥ୍ୟ ଉପଲବ୍ଧ ରହିବ । ଓଡିଶା ଲୋକଙ୍କ ସମ୍ପୃକ୍ତିକୁ ମଧ୍ୟ ପ୍ରୋତ୍ସାହିତ କରିବ । ଏହି ଉଦଘାଟନୀ ସମାରୋହରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ବିଧାନସଭା ସଚିବ ମଧ୍ୟ ଉପସ୍ଥିତ ଥିଲେ ।


ADMISSION OPEN- 2025
MODERN
I.T.I
TRADE:
FITTER & ELECTRICIAN
Affiliated to NCVT, Govt. of India, New Delhi
STIPEND FACILITY FOR SC/ST/OBC STUDENTS
Special Concession for very poor & girl students
Sundari, P.O.- Sunhat, Balasore
9437485676, 8249839157, 9438214434

